# ରାଧା ବିନା

ରାଧା ବିନା ବୃନ୍ଦାବନ
କୁଂଜେ ଅଭିସାର
ରଚିବାକୁ ନ ରହନ୍ତେ
କେବେ ଗୋପୀକୂଳ ।

ରାଧାର ମଧୁ ମୂର୍ଚ୍ଛନା
କ୍ରନ୍ଦନର ଧ୍ୱନୀ
ଯମୁନାକୁ କୃଷ୍ଣ ରଙ୍ଗେ
ରଙ୍ଗାଇଛି ଧନୀ ।

କଜ୍ଜଳଠୁ ବଳୀ କଳା
କଳଙ୍କ କାଳିମା
ବୋଲି ରାଇ ବିନୋଦିନୀ
ଗୋପେ ରାଇଜେମା ।

ଲବଣୀ ଚୋରାଇ କାହ୍ନା
କଲ ମନ ଚୋରୀ
ଯମୁନା ତଟେ ଶ୍ରୀରାଧା
ଅଙ୍ଗେ ଅଙ୍ଗ ଜଡ଼ି ।

ଗୋପୀ ରାଇ ସଂଗ ମେଳେ
ଯମୁନା ସ୍ନାହାନ
କଦମ୍ବ ଡ଼ାଳରେ କାହ୍ନା
ବାନ୍ଧିଲ ବସନ ।

ମୁରଲୀ ରାଧିକା ଡାକେ
ଶ୍ରୀରାଧା ବାତୁଳ
ଖୋଜନ୍ତି ଯମୁନା ତଟ
ମଥୁରା ଗୋକୁଳ ।

କାହ୍ନା ବୃନ୍ଦାବନ ଧନ
ବଂଶୀ ରାଧା ପ୍ରାଣ
କାହ୍ନା ବିନା ରାଧା ବଂଶୀ
ଦୁହେଁ ପ୍ରାଣ ହୀନ ।

କୃଷ୍ଣ ବିନା ପରିଣୟେ
ରାଧା ପାଟରାଣୀ
ପ୍ରେମ ବଶେ କୃଷ୍ଣ ଯୋଗୀ
ରାଧା ଯେ ଯୋଗିଣୀ ।

ରାଧାର ପାଦ ନୂପୁର
କୃଷ୍ଣ ବଂଶୀ ସ୍ୱନ
ରଚାଇ କୁଂଜେ ମିଳନ
ବୃନ୍ଦାବନ ଧନ୍ୟ ।

ପ୍ରେମ ବିନା ସୁଚନ୍ଦନ
ସୁଗନ୍ଧ ବିହୀନ
ସାମାନ୍ୟ ଖିର ଲବଣୀ
ଖୋଇ ଗୋପୀ ଧନ୍ୟ ।

ବୃନ୍ଦାବନେ କେଳୀ କୁଂଜ
ରଚାଇଣ ଶ୍ୟାମ
ଅପଲକ ଗୋପୀ ଚକ୍ଷୁ
ପ୍ରେମେ ନିଦ୍ରାହୀନ ।

ରାଧା କୃଷ୍ଣେ କେଳି କୁଂଜେ
ହେରି ଗୋପୀ ଧନ୍ୟ
ପ୍ରେମ ପାଇଁ ଗୋପୀକୁଳ
ଧନିକରେ ଗଣ୍ୟ ।

ଶ୍ୟାମହିଁ ଚନ୍ଦନ ସାରା
ସଂସାରଟା ପାଣି
ବାସ ସଂଚାରିଣ ଦିଏ
ଦିବ୍ୟ ଦୃଶ୍ୟ ଆଣି ।

ଚନ୍ଦ୍ରବିନା ଚକୋରର
ବିନିଦ୍ର ରଜନୀ
ପ୍ରଭୁବିନା ଭକ୍ତ ଯଥା
ପ୍ରାଣ ବିନା ପ୍ରାଣୀ ।

ଯମୁନାର ବଂଶୀବଟେ
ରାଧାକୃଷ୍ଣ ବିଜେ
କବିରେ ନ ଆସେ ଭାଷା
ହୃଦେ ଦୃଜେ ଭଜେ ।